# ଜିରୋ କାଜୁଆଲିଟିକୁ ଗୁରୁତ୍ୱ

ଢେଙ୍କାନାଳ,୨୭।୨
(ରତନ ନାୟାର)

ଢେଙ୍କାନାଳ ଜିଲାରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଗୁରୁବାର ଅପରାହ୍ନରେ ଜିଲା କାର୍ଯ୍ୟାଳୟ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପ୍ରଥମତଃ ଅଂଶୁଘାତ ଜନିତ ମୃତ୍ୟୁକୁ ରୋକାଯାଇ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦେଇଥିଲେ । ଏଥିନେଇ ଅଧିକରୁ ଅଧିକ ସଚେତନତା କାର୍ଯ୍ୟକ୍ରମ

**ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି**

ଯଥା–ସଚେତନତା ବାର୍ତ୍ତା, ଫ୍ଲେକ୍ସ, ବ୍ୟାନର ଓ ସାମାଜିକ ଗଣମାଧ୍ୟମରେ ବହୁଳ ମାତ୍ରାରେ ପ୍ରଚାର ପ୍ରସାର କରିବା ସହିତ ପଂଚାୟତ, ବ୍ଲକ ଓ ଜିଲାସ୍ତରରେ ପ୍ରଚାର ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଷ୍ମ ପ୍ରବାହରେ କୌଣସି ଖରାପ ସ୍ଥିତି ସହ ମୁକାବିଲା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବହୁଳ ମାତ୍ରାରେ ଔଷଧ, ସାଲାଇନ, ଓଆରଏସ୍ ପାଉଡର ସହ ଅଂଶୁଘାତ ରୋଗୀଙ୍କ ପାଇଁ ଏସି କକ୍ଷ ଓ ପର୍ଯ୍ୟାପ୍ତ ପରିମାଣରେ ଡାକ୍ତର ରହିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁଠି ନଳକୂପ କାର୍ଯ୍ୟ କରୁନାହିଁ, ସେଠାରେ ଗ୍ରୀଷ୍ମଋତୁ ଆସିବା ପୂର୍ବରୁ ଏହାର ମରାମତି କରିବା ସହ ଯଦି ଅଧିକ ନଳକୂପର ଆବଶ୍ୟକତା ଥାଏ ସେ ଦିଗରେ କାର୍ଯ୍ୟ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟ ମାର୍ଚ୍ଚ ୧୫ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ପଞ୍ଚାୟତ, ବ୍ଲକ, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଆଦି ଯେଉଁ ସ୍ଥାନମାନଙ୍କରେ ଜଳଛତ୍ରର ଆବଶ୍ୟକତା ରହିଛି, ସେଠି ଜଳଛତ୍ର ଖୋଲିବା ସହ ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ଯୋଗାଇଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ । ଗ୍ରୀଷ୍ମ ପ୍ରବାହରୁ ସ୍କୁଲ ଛାତ୍ରୀଛାତ୍ରଙ୍କୁ ରକ୍ଷା କରିବା ପାଇଁ ପ୍ରଥମତଃ ବିଦ୍ୟାଳୟଗୁଡିକ ସକାଳୁଆ ହେବ । ପିଲାମାନେ କିପରି ସାଙ୍ଗରେ ପାଣି ବୋତଲ, ଛତା ଆଣିବେ, ତାହାନେଇ ଶିକ୍ଷୟିତ୍ରୀ ଶିକ୍ଷକମାନେ ସେମାନଙ୍କ ଅଭିଭାବକମାନଙ୍କୁ ସଚେତନ କରିବେ । ବିଦ୍ୟାଳୟଗୁଡିକରେ ପ୍ରାର୍ଥନା ପଡିଆରେ ନହୋଇ ଶ୍ରେଣୀ ଗୃହରେ ହେବ ଏବଂ କୌଣସି କାର୍ଯ୍ୟକ୍ରମ ଖୋଲା ପଡ଼ିଆରେ ନ କରିବା ପାଇଁ ଜିଲା ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ବିଦ୍ୟାଳୟମାନଙ୍କରେ ଓଆରଏସ୍ ପାଉଡର ଓ ଥଣ୍ଡା ପାନୀୟଜଳ ବ୍ୟବସ୍ଥା କରାଯିବ । ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଯେଉଁଠି ନଳକୂପ ଅଚଳ ଅଛି, ତୁରନ୍ତ ମରାମତି କରି କାର୍ଯ୍ୟକ୍ଷମ କରାଯିବ । ନଳକୂଅ ଜଳକୁ ପରୀକ୍ଷା କରି ପାନୀୟ ଯୋଗ୍ୟ କି ନୁହେଁ, ସୁନିଶ୍ଚିତ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ କୌଣସି ଦିନ ମଜୁରିଆଙ୍କୁ କାମ କରିବାକୁ ବାଧ କରିପାରିବେନି କିମ୍ବା ନିଜେ ମଧ ଏହି ସମୟରେ କାର୍ଯ୍ୟ ନ କରିବା ପାଇଁ କୁହାଯାଇଛି । ସେହିପରି ବସ୍‌ଗୁଡିକରେ ଥଣ୍ଡା ପାନୀୟଜଳ ଓ ଓଆରଏସ୍ ରଖିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଗ୍ରୀଷ୍ମ ପ୍ରବାହ ସମୟରେ ଯେଉଁଠି ଅଧିକ ପଶୁପକ୍ଷୀ ଏକତ୍ରିତ ହେଉଛନ୍ତି, ସେମାନଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା କରିବା ପାଇଁ ଅଧିକାରୀ ଓ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରାମାଞ୍ଚଳ ହେଉ କିମ୍ବା ସହରାଞ୍ଚଳ ହେଉ ପୂର୍ବାହ୍ନ ୧୧ଟାରୁ ଦିନ ୩ଟା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଛି । ଅଂଶୁଘାତରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିବିଶେଷଙ୍କ ସବିଶେଷ ବିବରଣୀ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଯଥାଶୀଘ୍ର ଦେବାକୁ ଜିଲାପାଳ କହିଥିଲେ । ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ଜିଲାସ୍ତରରେ ଏପ୍ରିଲ ୧ରୁ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ହେବାସହ ଟୋଲ ଫ୍ରିନମ୍ବର–୧୦୭୭ ଏବଂ ୦୬୭୬୨–୨୨୧୩୭୬ ଜିଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଛି । ବୈଠକରେ ଅତିରିକ୍ତ ଏସ୍‌ପି ନିରଞ୍ଜନ ପାଢୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠି, ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ, ହିନ୍ଦୋଳ ଉପଜିଲାପାଳ ପ୍ରଭାଶ କୁମାର ବେଉରିଆ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ ।



ଜିଲାସ୍ତରୀୟ ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

# କପିଳାସ ପୀଠରେ ରାତି ୪ଟା ୩୪ରେ ଉଠିଲା ମହାଦୀପ

ଢେଙ୍କାନାଳ,୨୭।୨
(ରତନ ନାୟାର)

ରାଜ୍ୟ ତଥା ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ଜାଗର ଯାତ୍ରା ଅବସରରେ ବୁଧବାର ରାତି ୪ଟା ୩୪ ମିନିଟରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଥିଲା । ବେଢା ପରିକ୍ରମା ପରେ ପୂଜକ, ସେବକ, ସେବାୟତମାନଙ୍କ ଦ୍ୱାରା ମହାଦୀପ ଉଠିଥିଲା । ମହାଦୀପ ଉଠିବା ବେଳେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କର ହରହର ମହାଦେବ ଧ୍ୱନୀରେ ଦୀପମୟ କପିଳାସ ପୀଠ ପ୍ରକମ୍ପିତ ହୋଇପଡିଥିଲା । ନିର୍ଦ୍ଧାରିତ ସମୟଠାରୁ ୧୪ମିନିଟ ବିଳମ୍ବରେ ମହାଦୀପ ଉଠିଥିଲା । କପିଳାସ ପୀଠରେ ଜାଗର ଯାତ୍ରା ଚଳିତବର୍ଷ ଶାନ୍ତିଶୃଙ୍ଖଳାର ସହ ଆୟୋଜିତ ହୋଇଥିଲା । ଏସ୍‌ପି ଅଭିନବ ସୋନକର, ଜିଲା ଦେବୋତର ଅଧିକାରୀ ବିବୁଧ ଗଡନାୟକ, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ କଳା ପରିଷଦ ଓ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସାରାରାତି ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଉପଜିଲାପାଳ ବିବୁଧ ଗଡନାୟକ ଓ ପରିଷଦର ସଭାପତି ପୂର୍ବତନ ବିଧାୟକ ନବୀନ ନନ୍ଦ ଭଜନ ସମାରୋହକୁ ଉଦଘାଟନ କରିଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର, ଅନୁସୟା ନାଥ, ଇପସିତା ପଣ୍ଡା, ସନତ କର, ଡଲିରାଣୀ ବାରିକ, ଅଶୋକ କୁମାର ଓ ବସନ୍ତ ଶତପଥୀ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ପରିଷଦର ସମ୍ପାଦକ ଟଙ୍କଧର ବାରିକ, ଯୁଗ୍ମ ସମ୍ପାଦକ ତଥା ଦେଓଗାଁ ସରପଞ୍ଚ ବିଜୟ କୁମାର ଦେହୁରୀ ଏହାକୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବିଶିଷ୍ଟ ସମବାୟବିତ୍ ସୁକାନ୍ତ ମିଶ୍ର, ଜିଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ସତ୍ୟସ୍ୱରୂପ ଦାସ, ରେଭେନ୍ସା କଲେଜ ପୂର୍ବତନ ସଭାପତି ଅଜୟ ମିଶ୍ର, ପରିଷଦ ସଦସ୍ୟ ଡ. ରଜନିକାନ୍ତ ତରାଇ, ଅମରେନ୍ଦ୍ର ମଲ୍ଲିକ, ଦୁଷ୍ମନ୍ତ ମହାନ୍ତି, ମୁକ୍ତିକାନ୍ତ ମିଶ୍ର, ପ୍ରବୀର ଲେଙ୍କା, ନେହା ମିଶ୍ର, ହୃଷିକେଶ ପୃଷ୍ଟି ଓ ଗିରିଧାରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।


କପିଳାସ ମନ୍ଦିର ଚୂଡ଼ାରେ ମହାଦୀପ।

# ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଚେତାବନୀ

**ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ଅସନ୍ତୋଷ**

**ଢେଙ୍କାନାଳ,୨୭।୨(ରତନ ନାୟାର):** ଢେଙ୍କାନାଳ ଜିଲାରେ କାର୍ଯ୍ୟରତ ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଏକ ଜରୁରୀକାଳୀନ ବୈଠକ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟ ତାଲିମ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ୧୦୨ଜଣ କର୍ମଚାରୀଙ୍କ ସମେତ ସଂଘର ସଭାପତି ଦେବାଶିଷ ମାନସିଂହ, ସମ୍ପାଦକ ସନ୍ତୋଷ କୁମାର ମାନସିଂହ, କୋଷାଧକ୍ଷ ଅଶ୍ୱିନୀ କୁମାର ମିଶ୍ର ଉପସ୍ଥିତ ରହି ଆଗାମୀ ଦିନରେ ଚାକିରି ନିୟମିତ କରାନଗଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ କରାଯିବ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି । ସଂଘର ଏହା ଏକମାତ୍ର ଦାବି ବୋଲି ସୂଚନା ଦିଆଯାଇଥିଲା । ଜିଲାର ସମସ୍ତ କର୍ମଚାରୀ ପୋଷ୍ଟକାର୍ଡ କ୍ୟାମ୍ପେନ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଓ ମିଶନ ନିର୍ଦ୍ଦେଶିକାଙ୍କୁ ଲିଖିତ ଦାବି ପୋଷ୍ଟକାର୍ଡ ମାଧ୍ୟମରେ ଜଣାଇଥିବା ସୂଚନା ଦିଆଯାଇଛି ।

# ଏକାଦଶାହରେ ସମାଜସେବୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ଏମ୍‌ପି


ଏମ୍‌ପି ରୁଦ୍ରନାରାୟଣ ପାଣିଙ୍କ ସହ ଅନ୍ୟ ବ୍ୟକ୍ତିମାନେ।

**ରାସୋଳ, ୨୭।୨ (ସରୋଜ ମିଶ୍ର)**

ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ବୁହାଳିପାଳ ପଞ୍ଚାୟତ ବାଙ୍କଟିଆ ଗ୍ରାମର ସମାଜସେବୀ ସ୍ୱର୍ଗତ ସୁଜନ ମୋହନ ମିଶ୍ରଙ୍କ ଏକାଦଶାହ କର୍ମ ଦିବସ ଅବସରରେ ବୁଧବାର ଢେଙ୍କାନାଳ ଏମପି ରୁଦ୍ରନାରାୟଣ ପାଣି ତାଙ୍କ ବାଙ୍କଟିଆ ସ୍ଥିତ ବାସଭବନରେ ପହଞ୍ଚି ସ୍ୱର୍ଗତଃ ମିଶ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ତାଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏହି ଅବସରରେ ଜ୍ୟେଷ୍ଠପୁତ୍ର ଶ୍ରୀନିବାସ ମିଶ୍ର, ମଧ୍ୟମ ପୁତ୍ର ସରୋଜ ମିଶ୍ର ଓ କନିଷ୍ଠ ପୁତ୍ର ମନୋଜ ମିଶ୍ରଙ୍କ ସହ ଆଲୋଚନା ସମୟରେ ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ଟିକନ ପାଳ, ପାଣିପଞ୍ଚାୟତ ସଭାପତି ପ୍ରେମାନନ୍ଦ ପଟନାୟକ, ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ପୁରୋହିତ ବାଇଧର ମିଶ୍ରଙ୍କ ପରଲୋକ

**ଢେଙ୍କାନାଳ,୨୭।୨(ରତନ ନାୟାର):** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ଷଡ଼ଙ୍ଗୀ ଗ୍ରାମପଞ୍ଚାୟତ ବିଷ୍ଣୁପୁର କରଗୋଳ ଶାସନ ଗ୍ରାମର ବିଶିଷ୍ଟ ଧର୍ମପରାୟଣା ବ୍ୟକ୍ତି ତଥା ପୁରୋହିତ ବାଇଧର ମିଶ୍ରଙ୍କର ବୁଧବାର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୭ବର୍ଷ ବୟସ ହୋଇଥିଲା । ସେ ଗଁଦିଆ ଅଞ୍ଚଳ ସମେତ ଜିଲାରେ ଜଣେ ସୁନାମଧନ୍ୟ ପୁରୋହିତ ଭାବେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗଦ୍ୱାର ଠାରେ କରାଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ବଡପୁଅ ଅକ୍ଷୟ କୁମାର ମିଶ୍ର ମୁଖାଗ୍ନୀ ଦେଇଥିଲେ । ତାଙ୍କ ମୃତ୍ୟୁରେ ଗଁଦିଆ ସ୍ମୃତି ସଂସଦର ସଭାପତି ଶିକ୍ଷାବିତ ହରିହର ସାହୁ, ନିଶାଦ୍ରୀ ନିର୍ଦ୍ଦେଶକ ଡ. ସାରଙ୍ଗଧର ସାମଲ, ଡ. ସମୀୟ କୁମାର ସାହୁ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ ଓ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା କୁନିଲତା ଦେହୁରୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।



# ସମୟ ପୂର୍ବରୁ ପରୀକ୍ଷା ଖାତା ଛଡ଼ାଇ ନେଲେ

କାମାକ୍ଷାନଗର, ୨୭।୨
(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା ପାରିମାଳ ମହାବିଦ୍ୟାଳୟରେ ପରୀକ୍ଷା ଚାଲିଥିଲା ବେଳେ ନିର୍ଦ୍ଧାରିତ ସମୟର ଘଣ୍ଟାଏ ପୂର୍ବରୁ ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କ ଖାତା ଛଡ଼ାଇ ନେଲେ ଦାୟିତ୍ୱରେ ଥିବା ନିରୀକ୍ଷକ। ପ୍ରତିବାଦରେ କାମାକ୍ଷାନଗର ଉପଜିଲାପାଳଙ୍କୁ ଭେଟି କଲେଜର

**ଅଧ୍ୟକ୍ଷାଙ୍କ ବିରୋଧରେ ଅଭିଯୋଗପତ୍ର ଦେଲେ ଅଭିଭାବକ**

ଅଧ୍ୟକ୍ଷାଙ୍କ ବିରୋଧରେ ଅଭିଯୋଗ ଜଣାଇଛନ୍ତି ଅଭିଭାବକ। ସୂଚନା ଅନୁସାରେ କାମାକ୍ଷାନଗର ବ୍ଲକ କଦଳୀପାଳ ଗ୍ରାମର ବିନୋଦ ବିହାରୀ ମହାଭୋଇଙ୍କ ପୁଅ ଦିବ୍ୟରଞ୍ଜନ ପଣ୍ଡୁଆ ସ୍ଥିତ ପାରିମାଳ ଆଞ୍ଚଳିକ ମହାବିଦ୍ୟାଳୟରେ +୨ ଭୋକେସନାଲ ପରୀକ୍ଷା ଦେଉଛନ୍ତି। ଦିବ୍ୟରଞ୍ଜନ ଜଣେ ଶତ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିବା ବେଳେ ସେ ଜଣେ ସହଯୋଗୀଙ୍କ ସହାୟତାରେ ପରୀକ୍ଷା ଦେଉଛନ୍ତି। ତେବେ ଗତ ୨୪ ତାରିଖରେ ଦିବ୍ୟରଞ୍ଜନ ବିଜନେସ ମ୍ୟାନେଜମେଣ୍ଟ ବିଷୟରେ ପରୀକ୍ଷା ଦେଉଥିଲେ। ତାଙ୍କ ପାଇଁ ହୋଇଥିବା ନିର୍ଦ୍ଧାରିତ ସମୟର ପ୍ରାୟ ଘଣ୍ଟାଏ ପୂର୍ବରୁ ପରୀକ୍ଷା ପରିଚାଳନା କରୁଥିବା ଅଧାପକ ନିର୍ମଳ କୁମାର ସାହୁ ତାଙ୍କ ସହଯୋଗୀ ଭାବେ ଖାତାରେ ଲେଖୁଥିବା ଜନୈକା ଛାତ୍ରୀଙ୍କଠାରୁ ଖାତା ଛଡାଇ ନେଇଥିଲେ। ଏହାର ପ୍ରତିବାଦରେ ଦିବ୍ୟରଞ୍ଜନଙ୍କ ବାପା ବିନୋଦ ବିହାରୀ କାମାକ୍ଷାନଗର ଉପଜିଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଯଦି ପୁଅ ଭବିଷ୍ୟତରେ ପାସ ନ କରି ଫେଲ ହୁଏ ତେବେ ସମ୍ପୃକ୍ତ ମହାବିଦ୍ୟାଳୟର ଅଧକ୍ଷା ଓ ଅଧାପକ ଦାୟୀ ରହିବେ ବୋଲି ସେ ଅଭିଯୋଗ କରିଛନ୍ତି। କାମାକ୍ଷାନଗର ଉପଜିଲାପାଳଙ୍କ ଅନୁପସ୍ଥିତରେ ସହକାରୀ ଜିଲାପାଳ ଦୀପକ ମିଶ୍ର ଅଭିଯୋଗ ପତ୍ର ଗ୍ରହଣ କରି ଉପଜିଲାପାଳଙ୍କ ପରାମର୍ଶ କ୍ରମେ ପଦକ୍ଷେପ ଗ୍ରହଣ କରିବା ପାଇଁ କହିଛନ୍ତି । ଏ ନେଇ ପାରିମାଳ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।



ଦିବ୍ୟାଙ୍ଗଙ୍କ ବାପା ଅଭିଯୋଗ ପତ୍ର ପ୍ରଦାନ କରୁଛନ୍ତି।


ଭୁବନ ବୁଦ୍ଧେଶ୍ୱର ଶୈବପୀଠରେ ବୁଧବାର ଶିବରାତ୍ରୀରେ ଭୋର ୪.୧୫ ରେ ମନ୍ଦିରରେ ମହାଦୀପ ଉଠିବା ସମୟର ଦୃଶ୍ୟ।

# ଶାଣ୍ଡିଲ୍ୟ ବସନ୍ତଙ୍କ ୯୮ତମ ଜୟନ୍ତୀ

ଢେଙ୍କାନାଳ,୨୭।୨(ରତନ ନାୟାର)

ଢେଙ୍କାନାଳ ଜିଲା ଲେଖକ ସଂସଦ ପରିସରରେ ସଭାପତି ବସନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଶାଣ୍ଡିଲ୍ୟ ବସନ୍ତ କୁମାର ମହାପାତ୍ରଙ୍କର ୯୮ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ସ୍ୱର୍ଗତ ମହାପାତ୍ର ଥିଲେ ଏକାଧାରାରେ ଜଣେ ସ୍ୱାଭିମାନୀ, ଆଦର୍ଶ ଶିକ୍ଷକ, କବି, ଲେଖକ, ନାଟ୍ୟକାର ଓ ପ୍ରାବନ୍ଧିକ ବୋଲି ସଭାପତି ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଭାବେ ଶରତ କୁମାର ମିଶ୍ର (ଭରଦ୍ୱାଜ) ଯୋଗଦେଇ ସ୍ୱର୍ଗତ ମହାପାତ୍ର ଢେଙ୍କାନାଳ ଜିଲା ଲେଖକ ସଂସଦର ପ୍ରାଣ ପ୍ରତିଷ୍ଠାତା ଏବଂ ସାହିତ୍ୟ ପ୍ରଚାର ପ୍ରସାର କ୍ଷେତ୍ରରେ ତାଙ୍କର ଅବଦାନ ଉଲ୍ଲେଖନୀୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସଂସଦର ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ଦିପ୍ତିଶ ପ୍ରସାଦ ପଟ୍ଟନାୟକ କହିଲେ, ସ୍ୱର୍ଗତ ମହାପାତ୍ରଙ୍କର ସାହିତ୍ୟକୃତି, ନାଟ୍ୟ ରଚନା, ନିର୍ଦ୍ଦେଶନା ଓ ସାଂଗଠନିକ ଦକ୍ଷତା ରହିଥିଲା । ଅନ୍ୟମାନଙ୍କ ମଧ୍ୟରେ ସଂସଦର ଉପଦେଷ୍ଟା କବି ଇନ୍ଦ୍ରମଣୀ ନାୟକ, ଆଇନଜୀବୀ ଶୁଭେନ୍ଦୁ କୁମାର ମହାପାତ୍ର, ଶଙ୍କର୍ଷଣ ଶତପଥୀ, ଗୋଲକ ବିହାରୀ ବେହେରା, ନିର୍ମଳା ମହାପାତ୍ର, ସୁକାନ୍ତି ସାହୁ, ବୈକୁଣ୍ଠ ବିହାରୀ ବେହେରା, ଜ୍ୟୋତି ନାଥ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ସାହିତ୍ୟକୃତି ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ହୃଦାନନ୍ଦ ଦ୍ୱିବେଦୀ ପରିଚାଳନା କରିଥିଲେ । ପରିଚାଳନା ସମ୍ପାଦକ ଅଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ ।


ଜୟନ୍ତୀରେ ଯୋଗଦେଇଥିବା ଅତିଥିବୃନ୍ଦ।

# ଶ୍ରୀଚୈତନ୍ୟ ଟେକ୍‌ନୋ ସ୍କୁଲରେ ବିଜ୍ଞାନ ମେଳା

ଢେଙ୍କାନାଳ,୨୭।୨(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ କଣ୍ଟାନଳୀ ବାଇପାସ୍‌ସ୍ଥିତ ଶ୍ରୀଚୈତନ୍ୟ ଟେକ୍‌ନୋ ସ୍କୁଲ ପରିସରରେ ଗୁରୁବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜୟଶିଳା ଡିସପେସନ୍‌ରାଜ ଓ ରିଜିଓନାଲ ହେଡ୍ ସୁମନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଡିଆଇଇଟି ପୂର୍ବତନ ଅଧକ୍ଷ ଡ. ସଚ୍ଚିଦାନନ୍ଦ ମିଶ୍ର ଏବଂ ଡ. ସୁସନ୍ଧ୍ୟା ମହାନ୍ତି ଯୋଗଦେଇ ବିଜ୍ଞାନର ଉପକାରିତା ସମ୍ପର୍କରେ ବୁଝାଇଥଲେ । ପ୍ରାଇମେରୀ ଓ ହାଇସ୍କୁଲ ସ୍ତରରେ ୪୧ଟି ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ବିତରଣ କରିଥିଲେ। ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସହଯୋଗ କରିଥିଲେ।

# ଦନ୍ତାହାତୀର ନାମ ଡାନୀ, ଅଣ୍ଡରଟେକର ଓ ମଣ୍ଟୁ

**ଢେଙ୍କାନାଳ, ୨୭।୨ (ରତନ ନାୟାର):** ଢେଙ୍କାନାଳ ଆଇଆଇଏମ୍‌ସିରେ ଅନୁଷ୍ଠିତ ଏକ କର୍ମଶାଳାରେ ଜିଲାରେ ଦନ୍ତା ହାତୀଗୁଡିକର ପ୍ରକୃତି ଉପରେ ସୂଚନା ପ୍ରଦାନ କରି ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଥିଲେ ଯେ, ଗୋଟିଏ ହାତୀଦଳର ମୁଖିଆ ଥାଏ ସବୁଠାରୁ ବୟସ୍କା ମାଇ ହାତୀ। ମାଇ ହାତୀ ଦଳ ଉପରେ ସଦାବେଳେ ନଜର ରଖିଥାଏ । ଦନ୍ତାହାତୀ ଟିକିଏ ଉଗ୍ର ସ୍ୱଭାବ ହେଲେ ସେମାନେ ତାଙ୍କୁ ଦଳରୁ ଅଲଗା କରିଦିଅନ୍ତି। ପ୍ରତିଦିନ ୪୦କିଲୋମିଟରରୁ ଊର୍ଦ୍ଧ୍ୱ ବୁଲୁଥିବା ଗୋଟିଏ ଦନ୍ତାହାତୀ ରହିଛି। ବନବିଭାଗ ପକ୍ଷରୁ ତାର ନାମକୁ ଡାନୀ, ଅଣ୍ଡରଟେକର ଓ ମଣ୍ଟୁ ବୋଲି ନାମିତ କରାଯାଇଛି। ଏହି ନାମରୁ ହାତୀଟିକୁ ବନବିଭାଗ ଅଧିକାରୀ ଓ କର୍ମଚାରୀମାନେ ତା'ର ଗତିବିଧି ଉପରେ ନଜର ରଖିଥାନ୍ତି।



# ସକାରାତ୍ମକ ଖବର ସଚେତନତାର ପ୍ରମୁଖ ମାଧ୍ୟମ

ଢେଙ୍କାନାଳ,୨୭।୨
(ରତନ ନାୟାର)

ବନ୍ୟପ୍ରାଣୀ ଓ ପରିବେଶ ପ୍ରସଙ୍ଗରେ ସୂକ୍ଷ୍ମାନୁଭବୀକରଣ ଓ ଦାୟିତ୍ୱ ରିପୋର୍ଟିଂ ଉପରେ ଗୁରୁବାର ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ସମ୍ମିଳନୀ କକ୍ଷରେ ଢେଙ୍କାନାଳ ଜିଲା ବନଖଣ୍ଡର ମିଳିତ ଆନୁକୂଲ୍ୟରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୩ଜଣ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ଭାଗ ନେଇଥିଲେ। ମୁଖ୍ୟ ଆଲୋଚକ ଭାବେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଯୋଗଦେଇ କହିଲେ ଯେ, ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରମୁଖ ସମସ୍ୟା ହୋଇ ଛିଡ଼ାହୋଇଛି । ଏହାର ସମାଧାନ ସମସ୍ତଙ୍କ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ବିଶେଷକରି ଗଣମାଧ୍ୟମ ସକାରାତ୍ମକ ଖବର ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରିପାରିବ। ମଣିଷ ଓ ବନ୍ୟପ୍ରାଣୀଙ୍କ ମଧ୍ୟରେ ବିବାଦ ବଢୁଥିବା ଦେଖିବାକୁ ମିଳୁଛି। ଏହାର ସମାଧାନରେ ଗଣମାଧ୍ୟମର ବିଶେଷ ଭୂମିକା ରହିଛି। ଭାରତ ବର୍ଷରେ ଢେଙ୍କାନାଳ ଯେପରି ଅନ୍ୟମାନଙ୍କ ପାଇଁ ଆଦର୍ଶ ହେବ ସେଥିପାଇଁ ସମସ୍ତେ ଚିନ୍ତା କରିବା ଦରକାର । ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଢେଙ୍କାନାଳରେ ମଧ ବାୟୁ ପ୍ରଦୂଷଣ ଅଧିକ ହେଲାଣି । କେବଳ ହିନ୍ଦୋଳ ଓ କଙ୍କଡାହାଡ ବ୍ଲକକୁ ଛାଡ଼ି ସବୁଠି ଅଧିକ ବାୟୁ ପ୍ରଦୂଷଣ । ଏଥିପାଇଁ ଚିନ୍ତାଧାରା ଓ ମାନସିକତା ବଦଳିବା ଜରୁରୀ। ଢେଙ୍କାନାଳ ଜିଲାରେ ବର୍ତ୍ତମାନ ଦେଶର ବିଭିନ୍ନ ଅଞ୍ଚଳଠାରୁ ହାତୀ ସଂଖ୍ୟା ଅଧିକ ଏଠି ଖରାଦିନେ ପ୍ରାୟ ୨୩୯ ହାତୀ ଦେଖାଯାଉଥିବା ବେଳେ ଶୀତ ଦିନରେ ପ୍ରାୟ ୨୯୧ ହାତୀ ଦେଖିବାକୁ ମିଳିଥାନ୍ତି। ଢେଙ୍କାନାଳ ଜିଲାରେ ରହୁଥିବା ହାତୀ ଗୋଟିଏ ଦିନରେ ୪୦କିଲୋମିଟର ବୁଲିଥାଏ । ଗଣମାଧ୍ୟମର ପ୍ରତିନିଧିମାନେ ବନ୍ୟପ୍ରାଣୀ, ବଣଜଙ୍ଗଲ ଓ ପରିବେଶ ସଂକ୍ରାନ୍ତିୟ କିମ୍ବା ହାତୀ–ମଣିଷ ବିବାଦ ଖବର ପ୍ରକାଶନ ସମୟରେ ସମସ୍ତ ଦିଗକୁ ଗୁରୁତର ସହ ଧ୍ୟାନଦେଇ ପ୍ରକାଶ କଲେ ଏହା ବନ୍ୟପ୍ରାଣୀ ସୁରକ୍ଷା, ପରିବେଶ ସୁରକ୍ଷା ଅଭିଯାନକୁ ଅଧିକ ମଜଭୁତ କରିବ ବୋଲି ଜିଲା ବନଖଣ୍ଡ ଅଧିକାରୀ କହିଥିଲେ । ହାତୀ କିମ୍ବା କୌଣସି ବନ୍ୟପ୍ରାଣୀଙ୍କ ସମ୍ପର୍କରେ ଖବର ଲେଖିଲା ବେଳେ ସେମାନଙ୍କୁ ରକ୍ତମୁଖା, ମଣିଷଖିଆ, ନରହନ୍ତା ବୋଲି ଚିତ୍ରଣ କରିବା ଉଚିତ ନୁହେଁ ବୋଲି ବନବିଭାଗ ଅଧିକାରୀ କହିଥିଲେ। ଆଲୋଚନାରେ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରତିଦିନ ସମ୍ମୁଖୀନ ହେଉଥିବା ସମସ୍ୟା ସଂପର୍କରେ ନିଜର ମତ ଉପସ୍ଥାପନ କରି କହିଲେ, ହାତୀ–ମଣିଷ କିମ୍ବା ବନ୍ୟପ୍ରାଣୀ ବିବାଦ ଯୋଗୁ ଯଦି ବନବିଭାଗ ସମନ୍ୱୟ ରଖି ଠିକ୍ ତଥ୍ୟ ପ୍ରଦାନ କରିବ ତେବେ ସକାରାତ୍ମକ ଖବର ପ୍ରକାଶନରେ ଏହା ସହାୟକ ହେବ।



କର୍ମଶାଳାରେ ଯୋଗଦେଇଥିବା ଗଣମାଧ୍ୟମର ପ୍ରତିନିଧିମାନେ।

**ଆଇଆଇଏମ୍‌ସିରେ ବନ୍ୟପ୍ରାଣୀ ଓ ପରିବେଶ ପ୍ରସଙ୍ଗ କର୍ମଶାଳା**

ଆଇଆଇଏମ୍‌ସି ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନ କହିଲେ ଯେ, ଭାରତ ବର୍ଷରେ ଢେଙ୍କାନାଳ ଏକମାତ୍ର ଜିଲା ଯେଉଁଠି ହାତୀଙ୍କ ସଂଖ୍ୟା ଅଧିକ। ଜିଲାରେ ହାତୀ–ମଣିଷ ବିବାଦ କେବଳ ବନବିଭାଗ କାହିଁକି, ସମସ୍ତଙ୍କର ଚିନ୍ତା ବଢାଇଛି । ହାତୀ–ମଣିଷ ବିବାଦ, ବନ୍ୟପ୍ରାଣୀ, ଜଙ୍ଗଲ ଓ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଆଦି ଅଭିଯାନ ଗଣମାଧ୍ୟମର ଏକ ଅଂଶ ହେଉ । ଏ କ୍ଷେତ୍ରରେ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଉତ୍ତରଦାୟିତ୍ୱ ରହିଛି । ବିଭିନ୍ନ ତଥ୍ୟଧର୍ମୀ ଖବର ମାଧ୍ୟମରେ ପରିବେଶ ସମ୍ପର୍କିତ ଖବରକୁ ବିଭିନ୍ନ ଦିଗରେ ପରିବେଷଣ କରିପାରିଲେ ଏହା ଅଧିକରୁ ଅଧିକ ପାଠିକାପାଠକଙ୍କ ଦ୍ୱାରା ଗ୍ରହଣ ହୋଇପାରିବ ବୋଲି ସେ କହିଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ନେହା' ଦ୍ୱାରା ଗଜ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ପ୍ରକଳ୍ପ ଅଧିକାରୀ ରଣଜିତ ପଟ୍ଟନାୟକ, ଭାରତୀୟ, ଏସୀୟ ଓ ଆଫ୍ରିକୀୟ ହାତୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରଭେଦ, ସେମାନଙ୍କ ଜୀବନଶୈଳୀ, ଦିନଚର୍ଯ୍ୟା ଓ ସ୍ୱଭାବ ଆଦି ବିଷୟରେ ଆଲୋଚନା କରିଥିଲେ। ପ୍ରକୃତି, ବନ୍ୟପ୍ରାଣୀ ଓ ମଣିଷ ଭିତରେ ଉତ୍ତମ ସମନ୍ୱୟ ରଖିବା ଦିଗରେ ସମସ୍ତେ ଆଗେଇ ଆସିବା ଦରକାର । ସାଧାରଣ ଲୋକଙ୍କର ସଂରକ୍ଷଣାତ୍ମକ ଆଚରଣ ମଧ ରହିବା ଆବଶ୍ୟକ ବୋଲି ସେ କହିଥିଲେ । ଏହି ଅବସରରେ ଢେଙ୍କାନାଳ ଜିଲାରେ ହାତୀ–ମଣିଷ ବିବାଦ, ହାତୀର ଜୀବନଶୈଳୀ ସମ୍ପର୍କରେ ପିପିଟି ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା । ଆଇଏଫଏସ ପ୍ରୋବେସନର ଉଦୟନ ସୁବୁଦ୍ଧି ନିଜସ୍ୱ ମତ ରଖିଥିଲେ। ଇଂରାଜୀ ସାମ୍ବାଦିକତା ବିଭାଗ ସହକାରୀ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠୀ, ଗଣମାଧ୍ୟମରେ ପ୍ରକାଶିତ ପରିବେଶ ସମ୍ପର୍କିତ କେତେକ ସକାରାତ୍ମକ ଖବର ଉଦାହରଣ ପ୍ରଦାନ କରିଥିବା ବେଳେ ଓଡିଆ ସାମ୍ବାଦିକତା ବିଭାଗର ସହକାରୀ ପ୍ରଫେସର ଡ. ଚିରସ୍ରୋତା ଜେନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏକାଡେମିକ ଆସୋସିଏଟ୍ ସନତ ପାଢୀ ଧନ୍ୟବାଦ ଦେଇଥିଲେ ।

# ଲୋକଙ୍କ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ

## ସଚେତନ ନାଗରିକ ମଞ୍ଚର ବୈଠକ


ବୈଠକରେ ପୂର୍ବତନ ଏମ୍‌ପିଙ୍କ ସମେତ ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ।

ତାଳଚେର,୨୭।୨ (ମନୋଜ ନନ୍ଦ)

ତାଳଚେର ଶିଳ୍ପାଞ୍ଚଳରେ ଥିବା ବିସ୍ଥାପିତଙ୍କ ସମସ୍ୟା, ନିଯୁକ୍ତି, ଥଇଥାନ, ପାରିପାର୍ଶ୍ୱିକ ଉନ୍ନୟନ ଆଦି ନେଇ ସାଧାରଣ ଲୋକଙ୍କ ସମସ୍ୟା ବଢ଼ି ଚାଲିଛି। ଏହାର ସମାଧାନ ପାଇଁ ଶିଳ୍ପାନୁଷ୍ଠାନ, ପ୍ରଶାସନ କିମ୍ବା ଲୋକ ପ୍ରତିନିଧିଙ୍କ ମଧ୍ୟରେ ଆନ୍ତରିକତା ନ ଥିବା ଅଭିଯୋଗ କରିଛି ସଚେତନ ନାଗରିକ ମଞ୍ଚ। ତେଣୁ ଏହାର ନିରାକରଣ ପାଇଁ ପୂର୍ବତନ ଏମ୍‌ପି ମହେଶ ସାହୁଙ୍କ ଆବାହକତ୍ୱରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦେବୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପ୍ରେସ୍ କ୍ଲବଠାରେ ଏକ କମିଟି ଗଠନ ହୋଇଥିଲା। ଏହାର ଆବାହକ ଭାବେ ପୂର୍ବତନ ଏମ୍‌ପି ସାହୁ, ଯୁଗ୍ମ ଆବାହକ ମିଶ୍ର ଓ ମୁରଲୀ ଧର ସାହୁ, କୋଷାଧ୍ୟକ୍ଷ ଭାବେ ଆଡ୍‌ଭୋକେଟ ନିର୍ମଳ ତ୍ରିପାଠୀଙ୍କୁ ଚୟନ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ତାଳଚେର ଅଞ୍ଚଳର ବହୁ ବରିଷ୍ଠ ଓକିଲ, ବିଭିନ୍ନ ଦଳର ନେତୃମଣ୍ଡଳୀ, ସାମାଜିକ କର୍ମୀ ଓ ଗଣମାଧ୍ୟମ ପ୍ରତିନିଧି ଏଥିରେ ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ତାଳଚେର ମେଡିକାଲ କଲେଜକୁ ତାଳଚେର ଠାରେ ଶୀଘ୍ର ପ୍ରତିଷ୍ଠା କରାଯିବା, ନୂତନ କୋଇଲା କମ୍ପାନୀ ଖୋଲିବା, ଜମିହରା ଓ ସ୍ଥାନୀୟ ବେକାରଙ୍କୁ ନିଯୁକ୍ତି ପ୍ରଦାନ, କୋଇଲା ଖଣି ଅଞ୍ଚଳରୁ ଏସ୍ମା ଆଇନ ପ୍ରତ୍ୟାହାର, ତାଳଚେର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ମାଗଣା ବିଜୁଳି ପ୍ରଦାନ ଆଦି ଦାବିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ପ୍ରସ୍ତାବ ପାରିତ କରାଯାଇଥିଲା। ଆଗାମୀ ମାର୍ଚ୍ଚ ୩ରେ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସହିଦ ସ୍ମୃତିସ୍ତମ୍ଭ ସମ୍ମୁଖରେ ଶାନ୍ତିପୂର୍ଣ୍ଣଭାବେ ଧାରଣା ଦିଆଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ପୂର୍ଣ୍ଣଚନ୍ଦ୍ର ସାହୁ, ଆଇନଜୀବୀ ଯଦୁମଣି ସାହୁ, ପୂର୍ବତନ ନଗରପାଳ କେଶବ ଭୂତିଆ, ରମେଶ ଚନ୍ଦ୍ରବେହେରା, କଂଗ୍ରେସ ନେତା ରାଜକିଶୋର ସାହୁ, କୁଶ ବିହାରୀ ସାମଲ, କାଳନ୍ଦୀ ସାମଲ, ଲିପୁ ରଥ, ପ୍ରକାଶ ସାହୁ, ସୁଶୀଲ ନାଏକ, ପ୍ରଶାନ୍ତ ବେହେରା, ମନମୋହନ ପତି ବାଉରୀବନ୍ଧୁ ବେଜ, ସରକାରୀ ଓକିଲ ନିର୍ମଳ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ରଶ୍ମି ରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ବୋଲେରୋ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ସନ୍ଥିଛକ,୨୭।୨(ସନ୍ତୋଷ ପରିଡ଼ା)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲା ବଁଅରପାଳ ବ୍ଲକ ନୂଆହତା ପେଟ୍ରୋଲ ଟାଙ୍କି ନିକଟରେ ଏକ ବୋଲେରୋ ଧକ୍କାରେ ଗୁରୁବାର ଅପରାହ୍ନରେ ସାଇକେଲରେ ଯାଉଥିବା ନୂଆହତା ଗ୍ରାମର ପବିତ୍ର ମହାଲିକ (୬୨)ଙ୍କ ମୃତ୍ୟୁ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନା ମୁତାବକ, ପବିତ୍ର ସାଇକେଲ ଯୋଗେ ଘରୁ ବାହାରି ରାସ୍ତାପାର ହୋଇ ଅନ୍ୟପଟକୁ ଯାଉଥିବାବେଳେ କଣ୍ଟାବଣିଆ ଆଡୁ ଦ୍ରୁତଗତିରେ ଆସୁଥିବା ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ସେ ଛିଟିକି ପଡ଼ିବାରୁ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ବଁଅରପାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡ଼ି ଜବତ କରିବା ସହ ତଦନ୍ତ ଚଳାଇଛି।

# ମାର୍ଚ୍ଚ ୧ରୁ ଭଲିବଲ୍ ଅନୁଗୋଳ କପ୍



ଖବରଦାତା ସମ୍ମିଳନୀରେ ଟ୍ରଷ୍ଟ କର୍ମକର୍ତ୍ତାମାନେ ଜର୍ସି ଉନ୍ମୋଚନ କରୁଛନ୍ତି।

ଅନୁଗୋଳ,୨୭।୨ (ଜ୍ୟୋତିରଞ୍ଜନ ସାହୁ)

ବାସନ୍ତୀ ଭଲିବଲ୍ ଟ୍ରଷ୍ଟ ପକ୍ଷରୁ ଅନୁଗୋଳ କପ୍ ୨୦୨୫ ଆସନ୍ତା ମାର୍ଚ୍ଚ ୧ରୁ ଆରମ୍ଭ ହୋଇ ୨ ତାରିଖରେ ଶେଷ ହେବ। ଜାତୀୟସ୍ତରର ଏହି ଟୁର୍ନାମେଣ୍ଟରେ ରାଜ୍ୟର କିଟ୍ ଭଲିବଲ, ସୂର୍ଯ୍ୟଶିଖା ଭଲିବଲ, ସ୍ପୋର୍ଟ୍ସ ହଷ୍ଟେଲ ଭୁବନେଶ୍ୱର, ବାସନ୍ତୀ ଭଲିବଲ ଏବଂ ରାଜ୍ୟ ବାହାରର ହରିଆନା ସ୍ମାଇକର୍ସ ଓ ଉତ୍ତରପ୍ରଦେଶ ୟଙ୍ଗଷ୍ଟାର ଭଳି ୬ଟି ଦଳ ଭାଗ ନେବ। ୧ ତାରିଖ ଅପରାହ୍ନ ୨ଟା ବେଳେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବ। ଅନୁଗୋଳ ଜିଲାର ପୁରାତନ ଭଲିବଲ୍ ଖେଳାଳି ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଲ ଆୟୋଜନ କରୁଥିବା ଅନୁଷ୍ଠାନଗୁଡ଼ିକୁ ଏହି ପ୍ରତିଯୋଗିତା ଅବସରରେ ପୁରସ୍କୃତ କରାଯିବ। ଏ ନେଇ ବାସନ୍ତୀ ଭଲିବଲ୍ ଟ୍ରଷ୍ଟ ପକ୍ଷରୁ ଗୁରୁବାର ବାସନ୍ତୀ ଦୁର୍ଗା ପୂଜା ପଡ଼ିଆରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ବିପୁଳ ସଂଖ୍ୟାରେ ଖେଳାଳି ଓ ଦର୍ଶକ ଯୋଗଦେଇ ଖେଳ ଉପଭୋଗ କରିବାକୁ ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଭାପତି ପ୍ରତାପ ମାଝୀ, ସମ୍ପାଦକ ରଶ୍ମି ରଞ୍ଜନ ପ୍ରଧାନ, କୋଚ ଦିବ୍ୟ ରଞ୍ଜନ ବେହେରା, କୋଷାଧ୍ୟକ୍ଷ ସମରେଶ ନାଥ ଓ ନୌଷଦ ଅଲ୍ଲୀ, ଅନୁପ ମହାନ୍ତି, ଯତୀନ ସେଠୀ, ଉପଦେଷ୍ଟା ଶକ୍ତି ପ୍ରସାଦ ପଟ୍ଟନାୟକ, ପ୍ରଦୀପ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ଦିର ବୁଲିଲେ, ଲୋକଙ୍କ ସମସ୍ୟା ବୁଝିଲେ

ବଇଣ୍ଡା, ୨୭।୨(ପରିକ୍ଷିତ ସାହୁ)

ଶିବରାତ୍ରି ଅବସରରେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ କିଶୋରନଗର ବ୍ଲକର ରାଜନପାଳ, କଣ୍ଟେଇକୋଳିଆ, ହଣ୍ଡପା, ନାକିଚି, ସଞ୍ଚାମୁରା, ତୁରୁଡା, ଠେଲକନାଳି ଆଦି ଶୈବପୀଠ ବୁଲିବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଥିଲେ। ଅନେକ ସ୍ଥାନରେ ଅଞ୍ଚଳବାସୀ ବିଧାୟକଙ୍କୁ ଶୋଭାଯାତ୍ରାରେ ନେଇ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହିତ ଦାବିପତ୍ର ପ୍ରଦାନ କରିଥିଲେ। ଅଞ୍ଚଳଗୁଡ଼ିକର ଯାହା ସମସ୍ୟା ରହିଛି ସେଗୁଡ଼ିକୁ ଶୀଘ୍ର ସମାଧାନ କରାଯିବ ବୋଲି ବିଧାୟକ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଜିଲା ପରିଷଦ ସଦସ୍ୟା ଅନୁପମା ସାହୁ, ବିଜେଡି ନେତା ତପନ ପ୍ରଧାନ, ଅଙ୍ଗପଡ଼ା ସରପଞ୍ଚ ଜିତେନ୍ଦ୍ର ସାହୁ, କୁମୁନ୍ଦ ପ୍ରଧାନ, ଅର୍ଜୁନ ସାହୁ, ଭାଗୀରଥି ସାହୁ, ଉତ୍ତମ କୁମାର ମାଟିଆରି, ରାହାସ ସାହୁଙ୍କ ସମେତ ବିଜେଡିର ବହୁ ନେତା ଉପସ୍ଥିତ ଥିଲେ।


ଆଠମଲ୍ଲିକ ବିଧାୟକଙ୍କ ସହିତ ଅନ୍ୟମାନେ।

# ମେଳଣ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଞ୍ଚଳବାସୀ।

ବନ୍ତଳା,୨୭।୨ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଳା ପଞ୍ଚାୟତ ସାହାରାଗୋଡ଼ା ଗ୍ରାମରେ ମେଳଣ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୧୨ ତାରିଖରେ ମେଳଣ ଯାତ୍ରା ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ନୀତିନିର୍ଘଣ୍ଟ ଅନୁସାରେ ମଧ୍ୟାହ୍ନ ୧୨ଟାରେ ହୋମଯଜ୍ଞ, ସନ୍ଧ୍ୟା ୭ଟାରେ ରାଧାକୃଷ୍ଣଙ୍କ ବିଗ୍ରହକୁ ସୁସଜ୍ଜିତ ବିମାନରେ ବସାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଯାତ୍ରା ପଡ଼ିଆରେ ରାତ୍ର ୯ ଘଟିକାରେ ପହଞ୍ଚାଯିବ। ଚଳିତବର୍ଷ ଯାତ୍ରାର ମୁଖ୍ୟ ଆକର୍ଷଣ ସୁଲେଇପାଳ ଓ ମର୍ଦ୍ଦରାଜପୁର ମଧ୍ୟରେ ବାଦଦଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ ପାଇଁ ପୋଲିସ ପ୍ରଶାସନର ସାହାଯ୍ୟ ନେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ମେଳଣ ଉତ୍ସବରେ ଆଖପାଖର ପ୍ରାୟ ୧୦ ଗୋଟି ଗ୍ରାମରୁ ବିମାନରେ ଠାକୁର ଆସି ଯାତ୍ରା ପଡ଼ିଆରେ ଏକାଠି ହେବେ। ଉକ୍ତ ବୈଠକରେ ସଭାପତି ସୁବାସ ପରିଡ଼ା, ଉପ ସଭାପତି ଅକ୍ଷୟ ପରିଡା ଦୟାନିଧି ସାହୁ, ହଟ କିଶୋର ଦାସ, ଦିଲେଶ୍ୱର ପରିଡ଼ା, ମିଳନ ପରିଡ଼ା, ପ୍ରଫୁଲ୍ଲ ଦାସ, ଦିବାକର ସାହୁ, ପ୍ରଦ୍ୟୁମ୍ନ ପରିଡ଼ା, ଯୁଗେଶୋର ପରିଡ଼ା, ରଞ୍ଜନ ଦେହୁରୀ,ଧୀରେନ ପରିଡ଼ା, ବିକାଶ ପରିଡ଼ାଙ୍କ ସମେତ ଗ୍ରାମର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ମା' ହିଙ୍ଗୁଳାଙ୍କୁ ଦର୍ଶନ କଲେ ଜିଲା ଭାଜପା ସଭାପତି

ତାଳଚେର,୨୭।୨ (ମନୋଜ ନନ୍ଦ)

ଅନୁଗୋଳ ଜିଲା ଭାଜପାର ନୂଆ ସଭାପତି ଭାବେ ଯଯାତି ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିବା ପରେ ଗୁରୁବାର ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କୁ ଦର୍ଶନ କରିଛନ୍ତି। ତାଙ୍କ ସହ ତାଳଚେର ନିର୍ବାଚନମଣ୍ଡଳୀର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପରେ ହିଙ୍ଗୁଳା ପୀଠ ଅତିଥି ଭବନରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ମଣ୍ଡଳରୁ ଆସିଥିବା କାର୍ଯ୍ୟକର୍ତ୍ତାମାନେ ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲା ସଭାପତିଙ୍କ ସମେତ ନୂତନ ଭାବେ ନିର୍ବାଚିତ ହୋଇଥିବା ସମସ୍ତ ମଣ୍ଡଳ ସଭାପତି ସୁଶାନ୍ତ ସାମଲ, ଅଜୟ ସାହୁ, ମାନସ ସାହୁ, ଦୀପକ ଦାସ, ବରୁଣ ସାହୁ, ସତ୍ୟବନ୍ତ ସାହୁ, ଜିଲା କମିଟି ସଦସ୍ୟ ରାଜେନ୍ଦ୍ର ସିଂହ, ଖଇରା ପ୍ରଧାନ, ଲୋକନାଥ ସାହୁ, ନରେନ୍ଦ୍ର ସାହୁ, ରାଜ୍ୟ ପରିଷଦ ସଦସ୍ୟ ସଚ୍ଚିଦାନନ୍ଦ ପ୍ରଧାନ ଓ ନରେଶ ଚନ୍ଦ୍ର ବେହେରା, ଦେବେନ୍ଦ୍ର ବାରିକ, ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ରତ୍ନାକର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପର୍ଶୁରାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।


ମା' ହିଙ୍ଗୁଳାଙ୍କୁ ଦର୍ଶନ କରୁଛନ୍ତି ଅନୁଗୋଳ ଜିଲା ଭାଜପା ସଭାପତି।

# ବିଶ୍ୱତାପନ କମ୍ କରିବାକୁ ପରାମର୍ଶ



ସଚେତନତା କାର୍ଯ୍ୟକ୍ରମରେ ସଂସ୍ଥାର କର୍ମକର୍ତ୍ତା ଓ ଅନ୍ୟମାନେ।

ଅନୁଗୋଳ,୨୭।୨(ମାନସ ବିଶ୍ୱାଳ)

ଅନୁଗୋଳସ୍ଥିତ ଜୀବଜନ୍ତୁ କଲ୍ୟାଣ ପ୍ରତିଷ୍ଠାନ ଜିଲା ଶାଖା ତରଫରୁ ଅଧ୍ୟକ୍ଷ ତଥା ଅବୈତନିକ ଜୀବଜନ୍ତୁ କଲ୍ୟାଣ ପ୍ରତିନିଧି ରବୀନ୍ଦ୍ର ନାଥ ପ୍ରଧାନଙ୍କ ସଭାପତିତ୍ୱରେ ମେରୁ ଅଞ୍ଚଳୀୟ ଧଳାଭାଲୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଓ ଆଲୋଚନାସଭା ଅନୁଷ୍ଠିତ ହୋଇଥିଲା। ୨୦୧୧ ଠାରୁ ପ୍ରତ୍ୟେକ ବର୍ଷ ଫେବୃଆରୀ ୨୭କୁ ମେରୁ ଅଞ୍ଚଳୀୟ ଧଳାଭାଲୁ ଦିବସ ରୂପେ ପାଳନ କରାଯାଇଆସୁଛି। ଏହି ପ୍ରାଣୀ ବିଲୁପ୍ତପ୍ରାୟ ଅସୁରକ୍ଷିତ ପ୍ରଜାତିରେ ଅନ୍ତର୍ଭୁକ୍ତ। ବିଶ୍ୱତାପନ ଜନିତ କାରଣରୁ ବରଫ ତରଳିବା ଦ୍ୱାରା ବାସସ୍ଥାନ ସଂକୁଚିତ ହେବା ଦ୍ୱାରା ଏହି ପ୍ରାଣୀ ଏବେ ସଂକଟରେ। ତେଣୁ ଏହି ପ୍ରାଣୀଙ୍କ ବାସସ୍ଥାନ ସୁରକ୍ଷିତ କରିବା ପାଇଁ ବିଶ୍ୱ ତାପନକୁ କମ୍ କରିବାକୁ କାର୍ଯ୍ୟକ୍ରମ ଅବସରରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

# ରାତି ୨ଟା ୩୫ରେ ଉଠିଲା ମହାଦୀପ

ପବିତ୍ରନଗର,୨୭।୨(ନିରୋଜ ପ୍ରଧାନ)


ରେଙ୍ଗାଳିର ଏକ ଶୈବପୀଠରେ ଜାଗରଯାତ୍ରା ପାଳନ କରାଯାଉଛି।

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳରେ ଥିବା ଆଖଣ୍ଡଳମଣି ମନ୍ଦିର, କପିଳେଶ୍ୱର ମନ୍ଦିର ସମେତ ରେଙ୍ଗାଳି ଗ୍ରାମ ଶିବମନ୍ଦିର, ଦେନାଳି ଗ୍ରାମ ରାମେଶ୍ୱର ମନ୍ଦିର, ବଜ୍ରକୋଟ ଗ୍ରାମ ଭିଙ୍ଗେଶ୍ୱର ମନ୍ଦିର ଆଦିରେ ବୁଧବାର ମହାଶିବରାତ୍ରି ପାଳିତ ହୋଇଯାଇଛି। ରେଙ୍ଗାଳି ପ୍ରକଳ୍ପ ଓସିସି କଲୋନି ନିକଟସ୍ଥ ବାବାମଣି ମନ୍ଦିରରେ ଶୃଙ୍ଖଳିତ ଭାବେ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଉପଦେଷ୍ଟା ଆକୁଳ ପଣ୍ଡାଙ୍କ ପୌରୋହିତ୍ୟରେ ବିଭିନ୍ନ ପୀଠରୁ ୩୨ଜଣ ଦେବଦେବୀଙ୍କ ସହ ରେଙ୍ଗାଳି ପ୍ରକଳ୍ପର ମା' ବାଟମଙ୍ଗଳା ଓ ତାଳଚେରର ମା' ହିଙ୍ଗୁଳାଙ୍କୁ ରେଙ୍ଗାଳି ପ୍ରକଳ୍ପସ୍ଥିତ ବାପଘର ଆଖଣ୍ଡଳମଣି ମନ୍ଦିରକୁ ଆମନ୍ତ୍ରଣ କରି ଅଣାଯାଇଥିଲା। ମୁଖ୍ୟ ଉପଦେଷ୍ଟା ପଣ୍ଡା ଭକ୍ତଙ୍କ ପ୍ରଦତ୍ତ ଦାନରେ ପ୍ରାୟ ୪୦୦ ଗରିବ ବୃଦ୍ଧାବୃଦ୍ଧଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ। ପ୍ରକଳ୍ପସ୍ଥ କପିଳେଶ୍ୱର ଓ ଆଖଣ୍ଡଳମଣି ମନ୍ଦିରର ପହଡ ଖୋଲିବାପରେ ମଙ୍ଗଳ ଆଳତି କରାଯାଇଥିଲା। ରାତି ୯ଟା ୩୦ରେ ବେଢ଼ା ପରିକ୍ରମା ସହ ହରିହର ଭେଟ ନୀତି ସମ୍ପନ୍ନ ହୋଇଥିଲା। ରାତ୍ରି ୨ଟା ୩୫ ମିନିଟ୍‌ରେ ମହାଦୀପ ଉଠାଯାଇଥିଲା। କପିଳେଶ୍ୱର ମନ୍ଦିର ପରିସରରେ ଭଜନ ପରିବେଷଣ କରାଯାଇଥିଲା। ସେହିପରି ରେଙ୍ଗାଳି ଗ୍ରାମ, ଦେନାଳି ଓ ବଜ୍ରକୋଟ ଗ୍ରାମର ପ୍ରମୁଖ ମନ୍ଦିରରେ ମହାଶିବରାତ୍ରି ପାଳିତ ହୋଇଛି। ରେଙ୍ଗାଳି ପୋଲିସ ପକ୍ଷରୁ ସମସ୍ତ ମନ୍ଦିରରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

# ଆଠମଲ୍ଲିକର ବିଭିନ୍ନ ଶୈବପୀଠରେ ଜାଗରଯାତ୍ରା

ଆଠମଲ୍ଲିକ,୨୭।୨(ଉଦୀପ୍ତ ପୁରୋହିତ)

ଗଡ଼ଜାତ ଅଞ୍ଚଳ ଆଠମଲ୍ଲିକର ସମସ୍ତ ଶୈବପୀଠରେ ବୁଧବାର ମହାଶିବରାତ୍ରି ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ ଶିବ ମନ୍ଦିରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଦେଉଳଝରିରେ ଦିନ ତମାମ ଶ୍ରଦ୍ଧାଳୁ ବାବା ସିଦ୍ଧେଶ୍ୱରଙ୍କ ଦର୍ଶନ କରିଥିବା ବେଳେ ସନ୍ଧ୍ୟାରେ ଦୀପ ଜାଳି ମନ୍ଦିର ବେଢ଼ାରେ ବସି ରହିଥିଲେ। ରାତି ୧୦ଟାରେ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଡ. ଦିଲୀପ କୁମାର ବେହେରା ସ୍ୱତନ୍ତ୍ର ପୂଜାରେ କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇ ଥିଲେ। ପୂଜକ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ଓ ଚିତ୍ତରଞ୍ଜନ ପାଣିଗ୍ରାହୀ ପୂଜା କାର୍ଯ୍ୟ ସମ୍ପନ୍ନ କଲା ପରେ ୧୦ଟା ୩୦ରେ ସେବକ ସର୍ବେଶ୍ୱର ବଡ଼ମାଳୀ ମହାଦୀପ ମନ୍ଦିର ଉପରକୁ ଉଠାଇଥିଲେ। ସ୍ଥାନୀୟ ପୋଲିସ ଓ ପୂଜକ କମିଟି ସଭାପତି ଧାର୍ମିକ ପରିଚ୍ଛା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦେହୁରୀଙ୍କ ସମେତ ସମସ୍ତ ପୂଜାରୀ, ଶ୍ରଦ୍ଧାଳୁ ଶୃଙ୍ଖଳିତ ଦର୍ଶନରେ ସହଯୋଗ କରିଥିଲେ। ସେହିପରି ଯଦୁପୁର ଗ୍ରାମସ୍ଥିତ ଗୁପ୍ତେଶ୍ୱର ବାବାଙ୍କ ଝିମେଇତୁଆ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସହରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଥିବା ବାବା କାଶୀ ବିଶ୍ୱନାଥଙ୍କ ମନ୍ଦିରରେ ପୂଜକ ପ୍ରଫୁଲ୍ଲ ପାଣିଗ୍ରାହୀ ପୂଜା ନୀତି ସମ୍ପନ୍ନ କଲା ପରେ ମହାଦୀପ ଉଠାଯାଇଥିଲା। କଣ୍ଟପଡ଼ାସ୍ଥିତ ମହାଦେବ ମନ୍ଦିରରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଗହଳି ଲାଗିରହିଥିବା ବେଳେ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ବନ୍ୟପ୍ରାଣୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ବନ ବିଭାଗ ଅଧିକାରୀ ଓ ଅନ୍ୟମାନେ।

ଅନୁଗୋଳ,୨୭।୨(ମାନସ ବିଶ୍ୱାଳ)

ଅନୁଗୋଳ ବନ ବିଭାଗ ଓ ଏଜେଓ୍ୱାଇ ଟିମ୍ ପକ୍ଷରୁ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବନ୍ୟପ୍ରାଣୀଙ୍କ ସୁରକ୍ଷାରେ ସ୍ଥାନୀୟ ସମ୍ପ୍ରଦାୟକୁ ଜଡ଼ିତ କରିବା ପାଇଁ ପାରମ୍ପରିକ ପାଲା ମାଧ୍ୟମରେ ଅନେକ ସମୟରେ ଏହି କାର୍ଯ୍ୟକ୍ରମ କରାଯାଇଥାଏ। ଗ୍ରାମାଞ୍ଚଳର ସ୍ଥାନୀୟ କଳାକାର ଏବଂ ବନ ସୁରକ୍ଷା ସମିତି ପକ୍ଷରୁ ପାଲା ଓ ନୃତ୍ୟ ମାଧ୍ୟମରେ ବିଲୁପ୍ତପ୍ରାୟ ବନ୍ୟଜୀବ, ପ୍ରଜାତି ଏବଂ ସେମାନଙ୍କ ବାସସ୍ଥାନକୁ ସୁରକ୍ଷା ଦେବାର ଆବଶ୍ୟକତା ସମ୍ପର୍କରେ ବୁଝାଇ ଦିଆଯାଉଛି। ମହା ଶିବରାତ୍ରି ଉତ୍ସବ ପାଳନ ସମୟରେ ବୁଢ଼ିପାହାଡ଼ ବନ ସୁରକ୍ଷା ସମିତି ପକ୍ଷରୁ ଗ୍ରାମର ସହଦେବ ମନ୍ଦିର ପରିସରରେ ଏକ ବିଶେଷ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଙ୍ଗଲ ନିଆଁ ନିବାରଣ, ଜଙ୍ଗଲ ସଂରକ୍ଷଣ ଏବଂ ବନ୍ୟପ୍ରାଣୀ ସୁରକ୍ଷା ଭଳି ପ୍ରମୁଖ ପ୍ରସଙ୍ଗ ଉପରେ ଧ୍ୟାନ ଦେଇ ଆକର୍ଷଣୀୟ ଭିଡିଓ ଏବଂ ଫଟୋ ଝଲକ ପ୍ରଦର୍ଶିତ ହୋଇଥିଲା। ପରିବେଶ ଏବଂ ବନ୍ୟପ୍ରାଣୀ ସୁରକ୍ଷାର ଗୁରୁତ୍ୱ ବିଷୟରେ ବନ ସଂରକ୍ଷଣ ସମିତି ସମ୍ପ୍ରଦାୟ ମଧ୍ୟରେ ସକ୍ରିୟ ଭାବରେ ସଚେତନତା ବୃଦ୍ଧି କରିବା ଏହି ସଚେତନତା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

ଅନୁଗୋଳ,୨୭।୨(ମାନସ ବିଶ୍ୱାଳ)


ପୁରସ୍କୃତ ଖେଳାଳିଙ୍କ ସହ ଅନ୍ୟମାନେ।

୨୭।୨– ଅନୁଗୋଳ ବ୍ୟାଡ୍‌ମିଣ୍ଟନ କ୍ଲବ ପକ୍ଷରୁ ଅନୁଗୋଳ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ଚାଲିଥିବା କନିଷ୍ଠ ଓ ବରିଷ୍ଠ ବିଭାଗର ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ କନିଷ୍ଠ ବିଭାଗରେ ୬୧ଟି ଟିମ୍ ଓ ବରିଷ୍ଠ ବିଭାଗରେ ୫୨ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ, ଡାକ୍ତର ରାକେଶ ସନ୍ତୋଷ ପାଲ, ଡାକ୍ତର ଦେବାଶିଷ ପ୍ରଧାନ ଓ ଅନୁଗୋଳ ବ୍ୟାଡ୍‌ମିଣ୍ଟନ କ୍ଲବ ସଭାପତି ଆଡଭୋକେଟ ଟୁକୁନା ସାମଲ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। କନିଷ୍ଠ ବିଭାଗର ୧୧, ୧୫ ଓ ୧୯ ବର୍ଷରୁ କମ୍ ବାଳକ ବିଭାଗରେ ଯଥାକ୍ରମେ ସାଇ ଆଦିତ୍ୟ ନାୟକ, ସ୍ୱୟଂ ସ୍ନେହାଦୀପ ଓ ପ୍ରତ୍ୟୁଷ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ ବାଳିକା ବିଭାଗରେ ଯଥାକ୍ରମେ ଶ୍ରୀୟାଂଶୀ ପ୍ରଧାନ ଓ ଅନ୍ୱେଷା ମହାରଣା ପ୍ରଥମ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ତାମଡାର ପୂର୍ବତନ ଅଧ୍ୟକ୍ଷ ଶକ୍ତି ପଟ୍ଟନାୟକ, ଶୁଭ୍ରାଂଶୁ ଶେଖର ସାହୁ ଓ ବିଡିଏ ସମ୍ପାଦକ ବିନୟ କୁମାର ତ୍ରିପାଠୀ ପ୍ରମୁଖ ପୁରସ୍କାର ବିତରଣ କରିଥିଲେ। ବରିଷ୍ଠ ବିଭାଗ ଖେଳକୁ ସାମାଜିକ କର୍ମୀ ଅରୁଣାଭ ସିଂହ, ପ୍ରଦ୍ୟୁମ୍ନ ନନ୍ଦ ଓ ବିଡିଏ କୋଷାଧ୍ୟକ୍ଷ ବିପିନ ବିହାରୀ ଗଡ଼ନାୟକ ଶୁଭାରମ୍ଭ କରିଥିଲେ। ବରିଷ୍ଠ ବିଭାଗରେ ଅନୁଗୋଳର ଅବିନାଶ ମହାନ୍ତି ଓ ତନ୍ମୟ ସାହୁ ବିଜୟୀ ହୋଇଥିଲେ ବେଳେ ଭୁବନେଶ୍ୱରର ଚନ୍ଦ୍ର କୁମାର ଓ ଜଗଦୀଶ ଖଲଙ୍ଗା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଭୁବନେଶ୍ୱରର ପାରସ ମାଥୁର ଓ ଅନିର୍ବାଣ ମଣ୍ଡଳ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କୋରାପୁଟର ସିଦ୍ଧାର୍ଥ ନାୟକ ଓ ଡି. ମଣିକାନ୍ତ ଚତୁର୍ଥ ସ୍ଥାନରେ ଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଓ ଅନୁଗୋଳ ଜିଲା ୟୁନିଅନ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସମ୍ପାଦକ ସୁଭାଷ କୁମାର ମିଶ୍ର ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ପ୍ରତିଯୋଗିତାରେ କ୍ଲବ ତରଫରୁ ଅମ୍ଳାନ ଗଡ଼ନାୟକ, ପ୍ରବୀଣ ସାହୁ, ଉପସଭାପତି ସନ୍ତୋଷ ବରାଳ, ଅମନ ଶର୍ମା, ଅଭିନବ ପଟ୍ଟନାୟକ, ଆଶୁତୋଷ ଦାସ, ବାବା ଅମରଜ୍ୟୋତି, ଥୋମାସ, ଆଦିତ୍ୟ ନାରାୟଣ, ଅଜୟ ପ୍ରଧାନ, ତପନ, ଲକି, ସୋମ, ଧର୍ମେନ୍ଦ୍ର, ଜ୍ଞାନ ଓ ମିଡିଆ ପାର୍ଟନର ଭାବେ ରେଡିଓ ସର୍ବୋଦୟ ଅନୁଗୋଳ ତରଫରୁ ସୂର୍ଯ୍ୟନାରାୟଣ ନାଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

